# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୨୪.୦୧.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ବିଂଚି ନାରାୟଣ ମହାସୁପକାର, ଚେୟାର୍‌ମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ,
୬. ଶ୍ରୀମତୀ ମୋନାଲିସା ସାହୁ,
୭. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୨୪.୦୧.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା।

ନିର୍ଦ୍ଧାରଣ-୧(୧). ୱାର୍ଡ ନଂ-୪୩ ଅଂଚଳର ରାସ୍ତାଲୋକର ରକ୍ଷଣାବେକ୍ଷଣ ଠିକା ନେଇଥିବା ଠିକାଦାର ଠିକ୍ ଭାବରେ କାର୍ଯ୍ୟ କରୁନାହିଁ, ସମ୍ପୃକ୍ତ ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିପତ୍ରର କପି ଦେବାପାଇଁ ଦାବି କରିଥିଲେ, ଉକ୍ତ ଚୁକ୍ତିପତ୍ରର କପି ସମ୍ପୃକ୍ତ କର୍ପୋରେଟରଙ୍କୁ ଦେବାପାଇଁ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍‌ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୨). ଲକ୍ଷ୍ମୀସାଗର ଟ୍ରାଫିକ୍ ଛକ ଠାରୁ ଲକ୍ଷ୍ମୀସାଗର ହାଇସ୍କୁଲ୍ ପର୍ଯ୍ୟନ୍ତ ରାସ୍ତା ଉପରେ ଥିବା ଇଲେକ୍ଟ୍ରିପୋଲ୍ ଏବଂ କେନାଲ୍ ରୋଡ୍‌ର ବାମ ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବା ପାଇଁ TPCODL ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୩). ଯେଉଁ ଏରିଆରେ ରାସ୍ତା ଖୋଳିବା ପାଇଁ ଅନୁମତି ଦିଆଯାଉଅଛି ସମ୍ପୃକ୍ତ ଏରିଆର ଇଞ୍ଜିନିୟର୍ ଏବଂ କର୍ପୋରେଟରଙ୍କୁ ଜଣାଇବା ପାଇଁ ଉପ ଆୟୁକ୍ତ, ରାଜସ୍ୱ ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୪). ମଶାତେଲର କ୍ୱାଲିଟି ଟେଷ୍ଟ୍ କରାଯିବା ପାଇଁ ନିଷ୍ପତି ହୋଇଥିଲା ତାହାର ଟେଷ୍ଟ୍ ରିପୋର୍ଟ ଆସନ୍ତା ମାସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ ନିଗମର ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୫). ମଶା ବଂଶ କମାଇବା ପାଇଁ ମଶା ବ୍ରିଡ଼ିଙ୍ଗ୍ ସ୍ଥାନରେ ଗଙ୍ଗୁସିଆ ମାଛ ଛାଡ଼ିବା ନିମନ୍ତେ ଗଙ୍ଗୁସିଆ ମାଛ ହାଚେରି କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୬). ଲକ୍ଷ୍ମୀସାଗର ନିକଟରେ ଥିବା ଡ଼ାକ୍ତରଖାନା ଏବଂ ନୂଆଗାଁରେ ଥିବା ଡ଼ାକ୍ତରଖାନା ବ୍ୟବହାରଯୋଗ୍ୟ ଅବସ୍ଥାରେ ନାହିଁ, ତେଣୁ ଏହି ଦୁଇ ଗୋଟି ଡ଼ାକ୍ତରଖାନାକୁ ପୁନଃଉଦ୍ଧାର ଓ ସମ୍ପ୍ରସାରଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୭). ଖଣ୍ଡଗିରି ଏକ ଐତିହାସିକ ସ୍ଥଳ, ଏଠାକୁ ବାହାରୁ ବହୁ ପର୍ଯ୍ୟଟକ ଆସୁଛନ୍ତି । ଖଣ୍ଡଗିରି ନିକଟରେ କେତେକ ଜାଗାରେ ଅବ୍ୟବହୃତ ଗାଡ଼ି ରହିଅଛି, ସେଗୁଡ଼ିକୁ ଉଠାଇ ନେବାପାଇଁ ସମ୍ପୃକ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ମୁଖ୍ୟ ରାସ୍ତା ଗୁଡ଼ିକରେ (Priority Road Network) ଦୁଇ ଗୋଟି ସଂସ୍ଥା ଯଥା- Pro Power Sweeping Company Pvt. Ltd. and M/s Lion Services (JV) (Package-I) 36.85 KM ଏବଂ Jagruti Welfare Organization (Package-II) 42.53 KM ରାସ୍ତାରେ Mechanical Sweeping କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉଅଛି । ଏହି ଦୁଇ ଗୋଟି ସଂସ୍ଥାର ଚୁକ୍ତିପତ୍ର ମିଆଦୀ ତା ୩୧.୦୧.୨୦୨୩ ରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ କରାଯାଇଥିବା FIH Hockey World Cup 2023 ନିମନ୍ତେ ଏହି ମୁଖ୍ୟ ରାସ୍ତା ଗୁଡ଼ିକର ସଫେଇ କାର୍ଯ୍ୟରେ ଉନ୍ନତି ହେତୁ ଏବଂ ୩ ଗୋଟି ସିଫ୍ଟ ରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ହେତୁ Competent Authority ଙ୍କ ଆଦେଶ ମତେ ଆବଶ୍ୟକୀୟ ଅତିରିକ୍ତ ସଫେଇ କର୍ମଚାରୀ ତା ୨୭.୧୦.୨୦୨୨ ରିଖ ଠାରୁ ତା ୩୧.୦୧.୨୦୨୩ ରିଖ ପର୍ଯ୍ୟନ୍ତ ନିମ୍ନମତେ ନିୟୋଜିତ କରାଯାଇଅଛି ।

୧-Package-I (୩୭ ଜଣ ସଫେଇ କର୍ମଚାରୀ, Manual Sweeping ଏବଂ ୧୦ ଜଣ ସଫେଇ କର୍ମଚାରୀ Bush Cutting)

୨- Package-II (୪୩ ଜଣ ସଫେଇ କର୍ମଚାରୀ, Manual Sweeping ଏବଂ ୧୦ ଜଣ ସଫେଇ କର୍ମଚାରୀ Bush Cutting)

ଏହି ପରିପ୍ରେକ୍ଷୀରେ ଉକ୍ତ ଦୁଇ ଗୋଟି ଏଜେନ୍ସି ଙ୍କର ଚୁକ୍ତିପତ୍ର ମିଆଦି ତା ୩୧.୦୧.୨୦୨୩ ରିଖରେ ସରିଯାଉଥିବାରୁ ଏହାକୁ ପୁନଃଶ୍ଚ ୩ ମାସ ଯଥା:-ତା ୦୧.୦୨.୨୦୨୩ ରିଖରୁ ତା ୩୦.୦୪.୨୦୨୩ ରିଖ ପର୍ଯ୍ୟନ୍ତ ପୂର୍ବରୁ ନିୟୋଜିତ ଥିବା ସଫେଇ କର୍ମଚାରୀଙ୍କ ସମେତ ଅତିରିକ୍ତ ସଫେଇ କର୍ମଚାରୀ ଯଥା:- Package-I (୬୮ ଗୋଟି ସଫେଇ କର୍ମଚାରୀ ଏବଂ Additional Labour ୪୭ ସଫେଇ କର୍ମଚାରୀ), Package-II (୧୩୦ ଗୋଟି ସଫେଇ କର୍ମଚାରୀ ଏବଂ Additional Labour ୫୩ ସଫେଇ କର୍ମଚାରୀ) କୁ ନିୟୋଜିତ କରି ଏହି ଦୁଇ ଗୋଟି ଏଜେନ୍ସିର ଚୁକ୍ତିପତ୍ର ତିନି ମାସ ବୃଦ୍ଧି ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୪.୦୧.୨୦୨୩ ରିଖ